# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13th September – 2025

************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଆସିବେ; ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ

- ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ରାଜ୍ୟପାଳ

– ଦେଶ ବିକାଶରେ ଆଗେଇ ଆସିବାକୁ ଛାତ୍ର ସମାଜକୁ ଦେଲେ ଆହ୍ୱାନ

- ରାଜ୍ୟର ବିଭିନ୍ନ ଅଦାଲତରେ ଆଜି ଅନୁଷ୍ଠିତ ହେଉଛି ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୯ଟି ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି

HS

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଆସିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ଆୟୋଜିତ ଜନସମାବେଶରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବା ସହ ସେବାପକ୍ଷ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ବର୍ଷକ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କର ଏହା ହେବ ଓଡ଼ିଶାକୁ ଷଷ୍ଠ ଗସ୍ତ ବୋଲି ସେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ଶ୍ରୀ ପୂଜାରୀ କହିଛନ୍ତି...

**- V/O –**

Sambalpur

## ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଜି ୩୫ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ହରିବାବୁ କମ୍ଭମପାଟି ଏଥିରେ ଯୋଗଦେଇ ଛାତ୍ର ସମାଜକୁ ଦେଶ ବିକାଶରେ ଆଗେଇ ଆସିବା ଲାଗି ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଶାର ଚାରୋଟି ଓ ଭାରତର ୨୫ଟି ବିଶ୍ୱବିଦ୍ୟାଳୟକୁ ଉଷା ପାଣ୍ଠିରୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରାଜ୍ୟ ବଜେଟ୍‌ରୁ ୪୭ କୋଟି ଟଙ୍କା ପ୍ରଦାନ

କରାଯାଇଥିବା ସୂଚନା ଦେଇଛନ୍ତି। ଉଷା ଯୋଜନାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଏହି ଅବସରରେ ୩୯ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ୧୦୨ ଜଣଙ୍କୁ ଡକ୍ଟରେଟ୍ ଡିଗ୍ରୀ ଆଦି ପ୍ରଦାନ କରାଯାଇଥିଲା। ସମାବର୍ତ୍ତନ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାୟକ ପ୍ରମୁଖ ଉପସ୍ଥିତ ଥିଲେ।

Sambalpur

## ରାଜ୍ୟପାଳ- ସମେଲଈ ମନ୍ଦିର

ରାଜ୍ୟପାଳ ହରିବାବୁ କମ୍ଭମପାଟି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୁର୍ଯ୍ୟବଂଶୀ ସୁରଜ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଆଜି ସମ୍ବଲପୁରଠାରେ ମା’ ସମଲେଶ୍ୱରୀଙ୍କ ମନ୍ଦିର ଦର୍ଶନ କରିଛନ୍ତି। ରାଜ୍ୟପାଳ’ ସମଲେଈ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରିଛନ୍ତି।

CTC

## ଆଇନ ବିଶ୍ୱବିଦ୍ୟାଳୟ- ସମାବର୍ତ୍ତନ ଉତ୍ସବ

କଟକ ନରାଜ ସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଦ୍ୱାଦଶତମ ସମାବର୍ତ୍ତନ ଉତ୍ସବ ଆଜି ଅପରାହ୍ନରେ ଅନୁଷ୍ଠିତ ହେବ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି  ଜଷ୍ଟିସ ହରିଶ ଟଣ୍ଡନ ଏଥିରେ ଅଧକ୍ଷତା କରିବେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନ୍ୟାସନାଲ ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ତଥା ସୁପ୍ରିମକୋର୍ଟର ପୂର୍ବତନ

ବିଚାରପତି ଅନିରୁଦ୍ଧ ଘୋଷ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ୨୧୮  ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସେଥିମଧ୍ୟରୁ ୧୭୩ ଜଣ ସ୍ନାତକ, ୪୨ ଜଣ ସ୍ନାତକୋତ୍ତର ଏବଂ ତିନି ଜଣଙ୍କୁ ଡକ୍ଟରେଟ୍ ପ୍ରଦାନ କରାଯିବା ସହ ୧୪ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ।

BHK/CTC

## ରାଷ୍ଟ୍ରୀୟ ଲୋକ ଅଦାଲତ

ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ଆଜି ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ  ଅନୁଷ୍ଠିତ ହେଉଛି। ପାରିବାରିକ, ମୋଟର ଦୁର୍ଘଟଣା, ଏନ୍.ଆଇ ଆକ୍ଟ ପ୍ରଭୃତି ବିଭିନ୍ନ କିସମର ୧ ଲକ୍ଷରୁ ଊର୍ଦ୍ଧ୍ୱ ମାମଲାର ଆଜି ଶୁଣାଣି କରାଯାଉଛି। ଓଡ଼ିଶା ହାଇକୋର୍ଟରେ ୭ଟି ପୀଠରେ ମାମଲାର ଶୁଣାଣି ଚାଲିଛି। କଟକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଏବଂ ସମସ୍ତ ତାଲୁକ୍ ଆଇନ୍‌ସେବା କମିଟି ପରିସରରେ ପୂର୍ବାହ୍ନ ୧୧ଟାରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହୋଇଛି।

ଭଦ୍ରକର ନଳାଙ୍ଗସ୍ଥିତି ଜିଲ୍ଲା ଜର୍ଜକୋଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ବିଚାରବିଭାଗ ମାଜିଷ୍ଟ୍ରେଟ୍, ଆଇନଜୀବୀ ଉପସ୍ଥିତ

ରହି ୩୫ରୁ ଅଧିକ ଦୁର୍ଘଟଣା ମାମଲା ସହ ଜମିଜମା ସମ୍ବନ୍ଧୀୟ ଅନ୍ୟାନ୍ୟ ମାମଲାର ମଧ୍ୟ ଫଇସଲା କରିଛନ୍ତି।

Desk

# ପି.ଏମ୍. କିଷାନ୍ - କେ.ୱାଇ.ସି.

ରାଜ୍ୟ ସରକାର ପି.ଏମ୍. କିଷାନରେ କେ.ୱାଇ.ସି. ଅପ୍‌ଡେଟ୍ ଅବଧିକୁ ଆଉ ୬ ମାସ ବୃଦ୍ଧି କରିଛନ୍ତି । ସି.ଏମ୍. କିଷାନ୍ ହିତାଧିକାରୀମାନେ କୌଣସି କାରଣବଶତଃ ପି.ଏମ୍. କିଷାନ୍ କେ.ୱାଇ.ସି. ଅପ୍‌ଡେଟ୍ କରିପାରି ନ ଥିଲେ ଧାର୍ଯ୍ୟ ଅବଧି ମଧ୍ୟରେ ଏହାକୁ ଶେଷ କରିପାରିବେ ବୋଲି ଜଣାପଡ଼ିଛି । ସି.ଏମ୍. କିଷାନ୍‌ରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀ ସାମିଲ୍ ଥିବାବେଳେ ପି.ଏମ୍. କିଷାନ୍‌ରେ ୩୪ ଲକ୍ଷ ୮୫ ହଜାର ହିତାଧିକାରୀ ରହିଛନ୍ତି ।

CTC

# ଶିଶୁ ସୁରକ୍ଷା କର୍ମଶାଳା

ଶିଶୁ ଓ କିଶୋରାବସ୍ଥା ଜୀବନର ସବୁଠାରୁ ମୂଲ୍ୟବାନ ସମୟ। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ଅନୁକୂଳ ପରିବେଶ ଯୋଗାଇ ଦେଲେ ଭବିଷ୍ୟତରେ ସୁନାଗରିକ ହୋଇପାରିବେ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ କହିଛନ୍ତି। କଟକ ମର୍କତନଗର ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଅନୁଷ୍ଠିତ ଦିନିକିଆ ଶିଶୁ କନ୍ୟା ସୁରକ୍ଷା

ସମ୍ପର୍କିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଷ୍ଟିସ ଟଣ୍ଡନ କହିଛନ୍ତି, ଦେଶର ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାରେ ବାଲ୍ୟ ବିବାହ ପ୍ରତିଶତ କମ୍ ରହିଛି। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ରାଜ୍ୟ ସରକାରଙ୍କ ସମେତ ସମାଜର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲ ସେ କହିଛନ୍ତି। ବାଲ୍ୟବିବାହ ଆଇନରେ ମଧ୍ୟ ସଂଶୋଧନର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ ଟଣ୍ଡନ ମତ ଦେଇଛନ୍ତି। ହାଇକୋର୍ଟର ବିଚାରପତି ତଥା ହାଇକୋର୍ଟ ଜୁଭେନାଇଲ ଜଷ୍ଟିସ୍ କମିଟିର ଅଧ୍ୟକ୍ଷ ସାବିତ୍ରୀ ରଥ ଯୋଗଦେଇ କହିଛନ୍ତି, ଶିଶୁମାନଙ୍କୁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟସେବା ଯୋଗାଇବା ସହ ବିଭିନ୍ନ ସମୟରେ ସେମାନଙ୍କ ପ୍ରତି ହେଉଥିବା ନିର୍ଯାତନା ରୋକିବା ଦିଗରେ ପୁଲିସ ଓ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

HS

## କର୍କଟ ରୋଗ

ରାଜ୍ୟରେ କର୍କଟ ରୋଗର ମୁକାବିଲା ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ବୈଠକ ଅନୁଷ୍ଠିତ ହୋଇଛି। କର୍କଟ ରୋଗ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଏହାର ମୁକାବିଲା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା' ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ପାଇଲଟ ପ୍ରୋଜେକ୍ଟ ଭାବରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଟେଷ୍ଟିଂ, ଟ୍ରାକିଂ ଓ ଲୋକମାନଙ୍କୁ କର୍କଟ ରୋଗ ସମ୍ପର୍କରେ ସଚେତନ କରିବା ଲାଗି ପ୍ରାଥମିକତା ଦେବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

Nabarangpur

## ଶ୍ରୀଅନ୍ନ ଅଭିଯାନ

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଶ୍ରୀଅନ୍ନ ଅଭିଯାନ ତଥା ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ମାଣ୍ଡିଆ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ତେନ୍ତୁଳିଖୁଣ୍ଟି ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ବ୍ଲକ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ସଚେତନତା ରଥ ଚାରିଦିନ ଧରି ତେନ୍ତୁଳୀଖୁଣ୍ଟି ବ୍ଲକ ପରିକ୍ରମା କରିବା ସହ ମାଣ୍ଡିଆ, ଅଣମାଣ୍ଡିଆ ଆଦି ଚାଷ ବୃଦ୍ଧି କରିବା ପାଇଁ ଲୋକମାନଙ୍କୁ ସଚେତନ କରାଇବ । ପଞ୍ଚାୟତରେ ଶ୍ରୀଅନ୍ନ ଅଭିଯାନ ପକ୍ଷରୁ ୯୮୦ ଜଣ ମାଣ୍ଡିଆ ଚାଷ କରୁଥିବା ସୂଚନା ଦିଆଯାଇଛି ।

Desk

## କ୍ୟାରିୟର ପ୍ରଦର୍ଶନୀ କାର୍ଯ୍ୟକ୍ରମ

ଭୁବନେଶ୍ୱରସ୍ଥିତ ତିନି ନମ୍ବର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଦୁଇଦିନିଆ କ୍ୟାରିୟର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦

ଆଧାରରେ ଶିକ୍ଷାର ଗୁଣାତ୍ମକ ବିକାଶ ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଏଭଳି ପ୍ରଦର୍ଶନୀ ଦିଗ୍‌ଦର୍ଶନ ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ।  ପ୍ରଦର୍ଶନୀରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ୧୨୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ସେମାନଙ୍କୁ ୪୫ରୁ ଊର୍ଦ୍ଧ୍ୱ କ୍ୟାରିୟର ବିଷୟରେ ଅବଗତ କରାଯାଇଥିଲା।

Kandhamal

## ବାଇଗଣ ଚାଷ

କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ଶ୍ରୀନିକେତା ପଞ୍ଚାୟତ ଅନ୍ତର୍ଗତ ଦଣ୍ଡିମା ଗ୍ରାମର ମହିଳା ଚାଷୀ ବନିତା ସାହୁ ନୂଆ କିଶମର କଲମୀ ବାଇଗଣ ବିହନ ଚାଷ କରି ଲାଭବାନ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସହାୟତାରେ ରିହାତି ଦରରେ ୨ ହଜାର ବାଇଗଣ ଚାରା ମାତ୍ର ୮ ଟଙ୍କା ଲେଖାଏଁରେ ସେ କିଣିଥିଲେ। ସେ ଏଥିରୁ ପ୍ରାୟ ୧ ଲକ୍ଷ ୮୫ ହଜାର ଟଙ୍କା ଲାଭ କରିଥିବା ସୂଚନା ଦେଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଉନ୍ନୟନ ଅଧିକାରୀ ପ୍ରୀତିରଞ୍ଜନ ରଥ, ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଅଧିକାରୀ' ବାଇଗଣ ଚାଷର ତଦାରଖ କରିଥିଲେ। ଶ୍ରୀମତୀ ସାହୁ ଦୁଇ ପ୍ରକାର ବାଇଗଣ ଚାରାରୁ କଲମୀ କରି ନୂତନ ଏବଂ ଉନ୍ନତ ପ୍ରଣାଳୀରେ ଚାଷ କରିଛନ୍ତି। ମହିଳା ଚାଷୀଙ୍କ ସଫଳତା ଦେଖି ଏବେ ନିକଟବର୍ତ୍ତୀ ଅଞ୍ଚଳରେ ଅନ୍ୟ ମହିଳାମାନେ ମଧ୍ୟ ଚାଷ କରିବାକୁ ଆଗେଇ ଆସିଥିବା ଜଣାପଡ଼ିଛି।

Dhenkanal

# ମିନି ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟନ

ଢେଙ୍କାନାଳଠାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅବିନବ ସୋନେକାର' ପୁଲିସ ସରକାରୀ ଉଚ୍ଚ ପ୍ରାଥମିକ ସରକାରୀ  ବିଦ୍ୟାଳୟଠାରେ ନିର୍ମିତ ମିନି ବିଜ୍ଞାନ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ବିଭିନ୍ନ ବିଷୟ ସମ୍ବନ୍ଧିତ ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଛି।

Koraput

# ଯଶୋଦା ଯୋଜନା

କୋରାପୁଟ ଜିଲ୍ଲାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ' ମାତୃପିତୃହୀନ ଏକକ ଅଭିଭାବକ ଶିଶୁ ଏବଂ ଅବହେଳିତ ଶିଶୁମାନଙ୍କ ଥଇଥାନ ନିମନ୍ତେ ଯଶୋଦ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀମାନେ କିପରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ଜିଲ୍ଲାପାଳ ମାର୍ଗଦର୍ଶନ କରିଥିଲେ। ହିତାଧିକାରୀମାନଙ୍କୁ ଶିକ୍ଷା ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ନିମନ୍ତେ ଅର୍ଥରାଶି ପ୍ରଦାନ କରାଯାଇଥିଲା।

***Met.O.***

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ଓ ଆନ୍ଧ୍ରପ୍ରଦେଶ ଉପକୂଳସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ

ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼, ଗଜପତି, ଗଞ୍ଜାମ ଏବଂ ନୟାଗଡ଼ ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଏହି ସବୁ ଅଞ୍ଚଳରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ଅନୁମାନ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

*********************************